# ପଲ୍ଲିସଭାରେ ଅନୁମୋଦନ ନ ହେବା ଯାଏ ପ୍ରକଳ୍ପ କାର୍ଯ୍ୟ ବନ୍ଦ ରଖିବାକୁ ଦାବି

■ ଟୁରୀ-ଗୁନିଆଟ ଜଳସେଚନ ପ୍ରକଳ୍ପ ବ୍ୟାରେଜ ନିର୍ମାଣକୁ ବିରୋଧ

■ ଚାଷୀଙ୍କ ସହ ଆଲୋଚନା କଲେ ନବରଙ୍ଗପୁର ଏମ୍‌ପି

**ନବରଙ୍ଗପୁର,୩।୫(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାର ବହୁ ପ୍ରତୀକ୍ଷିତ ଟୁରୀ-ଗୁନିଆଟ ଦୁଇଟି ନଦୀ ସଂଯୋଗରେ ଜଳସେଚନ ପ୍ରକଳ୍ପର ୨ଟି ବ୍ୟାରେଜ ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ଚାଲୁ ରହିଛି। ବ୍ୟାରେଜ ନିର୍ମାଣ ପରେ ଏବେ ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ପାଇଁ ନବରଙ୍ଗପୁର ଓ ପାପଡାହାଣ୍ଡି ବ୍ଲକର ମୋଟ ୯ଟି ଗ୍ରାମରେ ଜମି ଅଧିଗ୍ରହଣ କରାଯିବ। ତେବେ ଏହି ପ୍ରକଳ୍ପ ହେବା ଦ୍ୱାରା ଚାଷୀଙ୍କ ଜମି ପାଣିରେ ବୁଡ଼ିଯିବାର ଆଶଙ୍କା ରହିଥିବାରୁ ଜମି ଅଧିଗ୍ରହଣକୁ ନେଇ କ୍ଷତିଗ୍ରସ୍ତ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ପଲ୍ଲିସଭାରେ ଅନୁମୋଦନ ନ ହେବା ପର୍ଯ୍ୟନ୍ତ ଏବଂ ଜମି ହରାଇଥିବା ଚାଷୀମାନେ କ'ଣ କ୍ଷତିପୂରଣ ପାଇବେ ତାହା ସଷ୍ଟ ନ ହେବା ଯାଏ ପ୍ରକଳ୍ପ କାର୍ଯ୍ୟ ବନ୍ଦ ରଖିବାକୁ ଚାଷୀମାନେ ଅଡି ବସିଛନ୍ତି । ଏ ନେଇ ଜିଲା ପ୍ରଶାସନ ନିକଟରେ ଚାଷୀମାନେ ଦାବି ଜଣାଇବା ପରେ ରବିବାର ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ସଦର ବ୍ଲକ୍‌ର ବିକ୍ରମପୁର ପଞ୍ଚାୟତ ଅଧୀନ ଦେଓଳା ଗ୍ରାମକୁ ଯାଇ ଚାଷୀଙ୍କ ଏହି ସମସ୍ୟା ସମାଧାନ ପାଇଁ ପ୍ରୟାସ କରିଛନ୍ତି। ଜମି ଅଧିଗ୍ରହଣ ଓ ବ୍ୟାରେଜ ନିର୍ମାଣକୁ ନେଇ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇ ନ ଥିବା ଗ୍ରାମର ସୁକାନ୍ତ ହରିଜନ ଓ ମଧୁ ଭତରା ଏମ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ଏମ୍‌ପି ମାଝୀ ନିର୍ମାଣାଧୀନ ବ୍ୟାରେଜ ପରିଦର୍ଶନରେ ଯାଇଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ପ୍ରସ୍ତୁତ କରିବା ସହ ଗ୍ରାମସଭା କରି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଏମ୍‌ପି ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କେତେ ଚାଷୀଙ୍କ ଜମି ଯିବ ତାହାର ଆକଳନ କରାଯିବ । ପଲ୍ଲିସଭା, ଗ୍ରାମସଭା ପରେ କାର୍ଯ୍ୟ ଆଗକୁ ବଢ଼ାଇବାକୁ ଏମ୍‌ପି ନିର୍ଦ୍ଦେଶ ଦେଇଥିବା ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପଦ୍ମ ଚରଣ ବେହେରା କହିଛନ୍ତି । ଏମ୍‌ପିଙ୍କ ପରିଦର୍ଶନ ସମୟରେ ଉପ ଜିଲାପାଳ ପ୍ରକାଶ କୁମାର ମିଶ୍ର, ତହସିଲଦାର ଭୋଲେଶ୍ୱର ନାୟକ, ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପଦ୍ମ ଚରଣ ବେହେରା, ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ଚିନ୍ମୟ କୁମାର ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଜନ ପ୍ରତିନିଧି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

୨୦୨୨ରେ ଟୁରୀ-ଗୁଣ୍ଡାଟ ସେଚ ପ୍ରକଳ୍ପକୁ ପ୍ରଶାସନିକ ମଞ୍ଜୁରୀ ମିଳିଥିଲା। ଏହି ସେଚ ପ୍ରକଳ୍ପ ହେଲେ ୨୦ଟି ଗ୍ରାମର ୯ ହଜାର ୧୩୫ ହେକ୍ଟର ଜମିରେ ଜଳସେଚନର ସୁବିଧା ମିଳିବ । ଏହି ପ୍ରକଳ୍ପ ପାଇଁ ୫୭୪ ଏକର ଜମି ଆବଶ୍ୟକ ରହିଛି। ସେଥିରୁ ପ୍ରାୟ ୧୦୭ ଏକର ସରକାରୀ ଜମି ରହିଛି। ଆହୁରି ପ୍ରାୟ ୫୭୪ ଏକର ବେସରକାରୀ ଜମି ଅଧିଗ୍ରହଣ କରାଯିବ। ବର୍ତ୍ତମାନ ସରକାରୀ ଜମିରେ ଦୁଇଟି ବ୍ୟାରେଜ ନିର୍ମାଣ କାର୍ଯ୍ୟ ଜାରି ହୋଇଛି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ୫୭୭ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଦୁଇଟି ବ୍ୟାରେଜ ଓ ଲିଙ୍କ ବ୍ୟାନ ପାଇଁ ୧୦୬କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଦୁଇଟି ବ୍ୟାରେଜର ଜଳଧାରଣ କ୍ଷମତା ୧୦ ହଜାର ୩୦୦ ହେକ୍ଟର ରହିଛି। ନବରଙ୍ଗପୁର ବ୍ଲକ ବିକ୍ରମପୁର ପଞ୍ଚାୟତର ଦେଉଳା ଗାଁ ନିକଟ ଗୁନିଆଟ ନଦୀରେ ଗୋଟିଏ ବ୍ୟାରେଜ ଓ ଚଟାହାଣ୍ଡି ସଦର ପଞ୍ଚାୟତ ଗାଁର ଟୁରୀ ନଦୀରେ ଆଉ ଏକ ବ୍ୟାରେଜ ନିର୍ମାଣାଧୀନ ରହିଛି। ଟୁରୀ ନଦୀର ବ୍ୟାରେଜର ଉଚ୍ଚତା ୯.୪ ମିଟର ଏବଂ ଲମ୍ବ ୧୩୬ ମିଟର ରହିଛି । ସେହିପରି ଗୁନିଆଟ ନଦୀର ବ୍ୟାରେଜର ଉଚ୍ଚତା ୧୦.୭୨ ମିଟର ଏବଂ ଲମ୍ବ ୯୮ ମିଟର ରହିଥିବା ବିଭାଗ ତରଫରୁ କୁହାଯାଇଛି।



ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

# ନବରଙ୍ଗପୁରରେ ୪୪୧ ପରୀକ୍ଷାର୍ଥୀ ଦେଲେ ଏନ୍‌ଇଇଟି (ୟୁଜି) ପରୀକ୍ଷା

**ନବରଙ୍ଗପୁର,୩।୫ (ସଦାଶିବ ପ୍ରହରାଜ)**



ନବରଙ୍ଗପୁର ଜିଲାପାଳ ତଦାରଖ କରୁଛନ୍ତି ।

ନବରଙ୍ଗପୁର ସହର ଆର୍‌ସିଡି ହାଇସ୍କୁଲ ଓ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ରବିବାର ଏନ୍‌ଇଇଟି (ୟୁଜି) ୨୦୨୬ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଉଭୟ କେନ୍ଦ୍ରରେ ମୋଟ ୪୭୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଆଡମିଟ କାର୍ଡ ପାଇଥିଲେ। ହେଲେ ରବିବାର ୪୪୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ ଓ ୨୯ ଜଣ ଅନୁପସ୍ଥିତ ଥିଲେ।

ଏହି ପରୀକ୍ଷା ପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ସମନ୍ୱୟ କମିଟି ଗଠନ କରାଯାଇ ନୋଡାଲ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ମାଜିଷ୍ଟ୍ରେଟ ଡ୍ୟୁଟି ଅଧିକାରୀ ରୂପେ ନବରଙ୍ଗପୁର ତହସିଲଦାର ଭୋଲେଶ୍ୱର ନାଏକ ଏବଂ ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରହାସ ମହାନନ୍ଦିଆ ଦାୟିତ୍ୱ ତୁଲାଇଥିଲେ। ପୋଲିସ ନୋଡାଲ ଅଧିକାରୀ ରୂପେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ ସେନ୍ ଏବଂ ଡିଏସ୍‌ପି ( ଡିଆଇବି) ବିନୋଦ ଲାକ୍ରା ଶାନ୍ତିଶୃଙ୍ଖଳା, ଟ୍ରାଫିକ, ପାର୍କିଂ ଓ ଅନ୍ୟାନ୍ୟ ବ୍ୟବସ୍ଥା କରିଥିଲେ। ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ୨୩୦ ଜଣ ଏବଂ ଆର୍‌ସିଡି ହାଇସ୍କୁଲରେ ୨୪୦ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟବସ୍ଥା କରାଯାଇଥିଲା। ପରୀକ୍ଷା ଯେଭଳି ସୁଚାରୁ ରୂପେ ଏବଂ ଶାନ୍ତି ଶୃଙ୍ଖଳାର ସହ ସମାପନ ହେବ ଏଥିପାଇଁ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ନେତୃତ୍ୱରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନ, ପ୍ରଶାସନ ନୋଡାଲ ଅଧିକାରୀ ସୋଭେନ ପଣ୍ଡା, ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଏବଂ ଅନ୍ୟ ଅଧିକାରୀ ପରୀକ୍ଷା କେନ୍ଦ୍ରରେ ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ ସରାବରାହ, ଦିବ୍ୟାଙ୍ଗଙ୍କ ପାଇଁ ହୁଇଲ ଚେୟାର, ଅଗ୍ନିଶମ, ସିସିଟିଭି, ଜାମର, ଡିଜି ବ୍ୟାକଅପ, ପାର୍କିଂ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସୁନିଶ୍ଚିତ କରିଥିଲେ। ଏହି ପରୀକ୍ଷା ଅପରାହ୍ନ ୨ରୁ ଆରମ୍ଭ ହୋଇ ୫ଟା ପର୍ଯ୍ୟନ୍ତ ହୋଇଥିଲା ଏବଂ ୧୮୦ ଟି ବହୁ ବିକଳ୍ପ ପ୍ରଶ୍ନ ପରୀକ୍ଷା ପାଇଁ ପ୍ରସ୍ତୁତ କରାଯାଇଥିଲା।

# ବଜ୍ରପାତରେ କାଣ୍ଟପଡ଼ି ଛାତ୍ରୀ ମୃତ

**କୁନ୍ଦୁରା,୩।୫(ସନ୍ତୋଷ ପ୍ରହରାଜ)**

କୋରାପୁଟ ଜଲା କୁନ୍ଦୁରା ବ୍ଲକ ଦିଗାପୁର ପଞ୍ଚାୟତ ପୁରୁଣା ଘସର୍ଡାରେ ବଜ୍ରାପାତରେ କାଣ୍ଟପଡ଼ି ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତା ହେଲେ ସରସ୍ୱତୀ ହରିଜନ(୧୩)। ସେ ଗୁଣ୍ଡାଳ ଆଦର୍ଶ ବିଦ୍ୟାଳୟ ସପ୍ତମ ଶ୍ରେଣୀର ଛାତ୍ରୀ। ରବିବାର ଘଡ଼ଘଡ଼ି, ବର୍ଷା ସହ ପବନ ହୋଇ ହେବାରୁ ସରସ୍ୱତୀ ଶୁଖାଇଥିବା ଲୁଗା ଆଣିବାକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ଘର ପାଚେରୀ ଭାଙ୍ଗି ତାଙ୍କ ଉପରେ ପଡ଼ିଥିଲା। ତାଙ୍କୁ ପରିବାର ଲୋକେ ଜୟପୁର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜୟପୁର ମେଡିକାଲରେ ମୃତଦେହ ରଖାଯାଇଛି। ଏ ନେଇ ବୈପାରୀଗୁଡ଼ା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୨୩/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ହେବା ପରେ ରିପୋର୍ଟ ଅନୁସାରେ ପଦକ୍ଷେପ ନିଆଯିବ ବୋଲି ଏସ୍‌ଆଇ ସଞ୍ଜୀବ ବେହେରା କହିଛନ୍ତି।

# ଅସରାଏ ବର୍ଷାରେ ଗାଁ ମୁଖ୍ୟ ରାସ୍ତା ଶୋଚନୀୟ

**ଦାମନଯୋଡି,୩।୫(ନରସିଂହ ବ୍ରହ୍ମା)**

ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ଅଧୀନ ଚାରାଙ୍ଗୁଲ ପଞ୍ଚାୟତ ଭେଜାପୁଟ ଗ୍ରାମରେ ଠିକ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ଅସରାଏ ବର୍ଷାରେ ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। କାଳବୈଶାଖୀ ବର୍ଷା ଯୋଗୁ ମୁଖ୍ୟ ରାସ୍ତାକଡ଼ରେ ଥିବା ଖୋଲା ନାଳରେ ବର୍ଷା ପାଣି ସହ ଅଳିଆ ଆବର୍ଜନା ଆସି ତଳ ଅଞ୍ଚଳରେ ରାସ୍ତା ଉପରେ ଜମାହୋଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଗ୍ରାମର ଏହି ମୁଖ୍ୟ ରାସ୍ତା ଦୁର୍ଗନ୍ଧମୟ ହୋଇ ପରିବେଶ ପ୍ରଦୂଷିତ କରୁଛି। ଏହି ରାସ୍ତାରେ ସ୍କୁଲ ପିଲା ଓ ଗ୍ରାମର ଶହ ଶହ ଲୋକ ଯାତାୟାତ କରିଥାନ୍ତି। ଅଳିଆ ଜମି ରହିବା ସହ ସେଗୁଡ଼ିକ ପଚିଶଡ଼ି ଦୁର୍ଗନ୍ଧ ବାହାରୁଥିବାରୁ ନିକଟରେ ରହୁଥିବା ଲୋକେ ଦୂଷିତ ପରିବେଶରେ ରହିବା ପାଇଁ ବାଧ ହେଉଛନ୍ତି। ଏହା ବ୍ଲକ କର୍ତ୍ତୃପକ୍ଷ ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଦିନିଆ ବର୍ଷା ଯୋଗୁ ରାସ୍ତା ଓ ନାଳର ଏଭଳି ପରିସ୍ଥିତି ହେଉଥିବା ବେଳେ ଆଗକୁ ବର୍ଷା ଋତୁରେ ସ୍ଥିତି ଆହୁରି ଶୋଚନୀୟ ହେବ। ଏ ସମ୍ପର୍କରେ ଚାରାଙ୍ଗୁଲ ସରପଞ୍ଚଙ୍କୁ ଅବଗତ କରାଯାଇଛି। ବର୍ଷାଋତୁ ଆରମ୍ଭ ହେବା ପୂର୍ବରୁ ବିଭାଗୀୟ ଅଧିକାରୀ ଏହାର ସ୍ଥାୟୀ ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଭେଜାପୁଟ ଗ୍ରାମର ମୁଖ୍ୟ ରାସ୍ତା ।

# ଆଦିବାସୀଙ୍କୁ ରୋଜଗାର ଦେଉଛି କେନ୍ଦୁପତ୍ର



ମହିଳା ଓ ଯୁବତୀମାନେ କେନ୍ଦୁପତ୍ର ବିଡା ବାନ୍ଧୁଛନ୍ତି ।

**ଡାବୁଗାଁ,୩।୫ (ପ୍ରଜ୍ଞାରଞ୍ଜନ ପରିଡା)**

ନବରଙ୍ଗପୁର ଜିଲାର ଡାବୁଗାଁ ଏକ ଆଦିବାସୀ ଅଧ୍ୟୁଷିତ ବ୍ଲକ ହୋଇଥିବା ବେଳେ ଏଠାରେ ବସବାସ କରୁଥିବା ପ୍ରାୟ ୯୦ ପ୍ରତିଶତ ଆଦିବାସୀ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ। ଜଙ୍ଗଲରୁ ବିଭିନ୍ନ ଫଳମୂଳ, ଝୁଣା, ପତ୍ର, କନ୍ଦମୂଳ ଓ ଔଷଧୀୟ ଚେରିମୂଳି ସଂଗ୍ରହ କରି ଦୁଇ ପଇସା ରୋଜଗାର କରିଥାନ୍ତି । ବର୍ତ୍ତମାନ ସରକାରଙ୍କ କେନ୍ଦୁପତ୍ର ଯୋଜନା ସେମାନଙ୍କ ରୋଜଗାରର ଏକ ମାଧ୍ୟମ ପାଲଟିଛି । ବିଶେଷକରି ଏପ୍ରିଲ ଓ ମେ ମାସରେ ଆଦିବାସୀମାନେ ନିକଟସ୍ଥ ଜଙ୍ଗଲରୁ କେନ୍ଦୁପତ୍ର ସଂଗ୍ରହ କରି ସ୍ଥାନୀୟ ବିଭାଗୀୟ କର୍ମଚାରୀଙ୍କ ପାଖରେ ଜମା ଦେଉଛନ୍ତି । ତୋଳାଳିମାନେ ୧ ବିଡାରେ ୪୦ ରୁ ୪୪ ଗୋଟି ପତ୍ର ବାନ୍ଧୁଥିବା ବେଳେ ୧୦୦ ବିଡାକୁ ସରକାର ୩୨୦ଟଙ୍କାରେ କିଣିବା ସହିତ ତୋଳାଳିଙ୍କୁ ୨୫ ପ୍ରତିଶତ ବୋନସ ମଧ୍ୟ ପ୍ରଦାନ କରୁଛନ୍ତି । ତତସହିତ ୫୦୦ ବିଡାରୁ ଅଧିକ ବିକ୍ରି କରିଲେ ୨ ଲକ୍ଷର ବୀମା ପ୍ରଦାନ କରାଯିବା ସହିତ ପ୍ରତି ୩ ବର୍ଷରେ ତୋଳାଳିଙ୍କୁ କପଡ଼ା, ଚପଲ, ଛତା ଓ ପାଣି ବୋତଲ ମାଗଣାରେ ଯୋଗାଉଛନ୍ତି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଯୁବତୀ ଓ ମହିଳାମାନେ ଦଳ ଦଳ ହୋଇ ଆଖପାଖ ଜଙ୍ଗଲକୁ ଯାଇ କେନ୍ଦୁପତ୍ର ତୋଳି ଆଣି ସାହି ସାହିରେ ଦଳ ଦଳ ହୋଇ ଗୋଟେ ସ୍ଥାନରେ ବସି ପତ୍ର ବାନ୍ଧିବା ଓ ପରସ୍ପର ମଧ୍ୟରେ ବିଭିନ୍ନ ବିଷୟ ଆଲୋଚନା କରୁଥିବା ଦେଖିବାକୁ ମିଳୁଛି । ଏହି ତୋଳାଳିମାନଙ୍କୁ କେନ୍ଦୁପତ୍ର ବିଡା ପିଛା ବର୍ତ୍ତମାନର ମୂଲ୍ୟଠାରୁ ସରକାର ବିଡା ପିଛା ମୂଲ୍ୟ ବୃଦ୍ଧି କରିଥିବାରୁ ଆଦିବାସୀ ମହିଳାଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ହେବ ବୋଲି ମହିଳାମାନେ ପ୍ରକାଶ କରିଛନ୍ତି ।

# ୧୧ କସ୍ତୁରବା ଗାନ୍ଧୀ ବିଦ୍ୟାଳୟର ଶତ ପ୍ରତିଶତ ଛାତ୍ରୀ ପାସ୍

**ନବରଙ୍ଗପୁର, ୩।୫(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାରେ ୧୧ଟି କସ୍ତୁରବା ଗାନ୍ଧୀ ବାଳିକା ଆଶ୍ରମ ରହିଥିବାବେଳେ ଛାତ୍ରୀମାନେ ଆଶ୍ରମରେ ରହି ନିକଟସ୍ଥ ବିଦ୍ୟାଳୟରେ ପାଠ ପଢ଼ନ୍ତି । ତେବେ ଜିଲାର କସ୍ତୁରବା ଗାନ୍ଧୀ ବିଦ୍ୟାଳୟର ୧୦ମ ଶ୍ରେଣୀରେ ପାଠ ପଢ଼ୁଥିବା ଶତ ପ୍ରତିଶତ ଛାତ୍ରୀ ୨୦୨୬ ବର୍ଷରେ ମାଟ୍ରିକ ପାସ୍ କରିଛନ୍ତ। ୮୧.୫୧ ପ୍ରତିଶତ ଅର୍ଥାତ୍ ୪୮୯ ମାର୍କ ରଖି ନବରଙ୍ଗପୁର ଏକ୍ସ ବୋର୍ଡ କେଜିବିଭି ଛାତ୍ରୀ ଏ-ଟୁ ପାଇଛନ୍ତି । ସେହିଭଳି ୪୭ ଜଣ ଛାତ୍ରୀ ବି-ୱାନ ଓ ୧୩୪ ଛାତ୍ରୀ ବି-ଟୁ ମାର୍କ ରଖିଛନ୍ତି । ତେବେ ୧୮୧ ଛାତ୍ରୀ ୭୦ରୁ ୮୦ ପ୍ରତିଶତ ମାର୍କ ରଖି ବି-ୱାନ ଏବଂ ବି-ଟୁରେ ମାଟ୍ରିକ ପାସ୍ କରିଛନ୍ତି। ତେବେ ଜିଲାର କସ୍ତୁରବା ଗାନ୍ଧୀ ବିଦ୍ୟାଳୟର ୩୪୧ ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଶତ ପ୍ରତିଶତ ପାସ୍ ହାର ହୋଇଥିବା ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ସୂଚନା ଦେଇଛନ୍ତି। ଏଥିସହିତ ଛାତ୍ରୀ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କୃତଜ୍ଞତା ଜଣାଇଛନ୍ତି । ସୂଚନାଯୋଗ୍ୟ, ଜିଲାରେ ଦାଦନ ଖଟିବାକୁ ଯାଉଥିବା ଗରିବ ପରିବାରର ପିଲା ଏବଂ ଅନାଥ ଛାତ୍ରୀମାନେ କସ୍ତୁରବା ଗାନ୍ଧୀ ବିଦ୍ୟାଳୟ ଆଶ୍ରମରେ ରହି ପାଠ ପଢ଼ନ୍ତି ।

# ମଙ୍ଗଳ ବିଭାଗ ହାଇସ୍କୁଲର ଶତ ପ୍ରତିଶତ ପାସ୍ ହାର

**ନବରଙ୍ଗପର,୩।୫(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡ଼ିକର ମାଟ୍ରିକ ପାସ୍‌ହାର ୯୯.୪୪ ପ୍ରତିଶତ ରହିଛି। ଜିଲାର ୩୬ଟି ବିଦ୍ୟାଳୟର ୩୧୯୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ଏ-ଟୁରେ ୧୨, ବି -ୱାନରେ ୭୧୧, ବି -ଟୁରେ ୧୧୮୭, ସି ଗ୍ରେଡରେ ୮୪୨, ଡି ଗ୍ରେଡରେ ୨୭୬ ଓ ଇ ଗ୍ରେଡରେ ୪୨ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶତପ୍ରତିଶତ ସଫଳତା

**ମାଲକାନଗିରି,୩।୫ (ଦୁର୍ଯ୍ୟୋଧନ ପାତ୍ର)**



ଆରାଧନା ପଟ୍ଟନାୟକ

ମାଲକାନଗିରି ସଦରମହକୁମା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାଲକାନଗିରିର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ୧୨୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଶତପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିରୁ ଏ ୧-୧, ଏ ୨-୫ଜଣ, ବି୧-୧୦ଜଣ, ବି୨-୧୬ଜଣ, ସି-୨୯ଜଣ, ଡି ୪୨ଜଣ, ଇ ୧୭ଜଣ ହାସଲ କରିଛନ୍ତି। ଏ-୧ରେ ୫୪୪ ନମ୍ବର ରଖି ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିବାରୁ ଆରାଧନା ପଟ୍ଟନାୟକ ଓ ତାଙ୍କ ମା'ବାପାଙ୍କୁ ପ୍ରଧାନଆଚାର୍ଯ୍ୟ ସରୋଜ କୁମାର ସାମଲ ଓ ସଭାପତି ରବୀନ୍ଦ୍ର କୁମାର ମହାରଣା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ମାଲକାନଗିରି,୩।୫ (ଗୌରିଶଙ୍କର ପଣ୍ଡା)**

ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ପକ୍ଷରୁ ଶେଷବର୍ଷର ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ.ରଞ୍ଜନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ କଲେଜ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ବାରିକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅଧ୍ୟକ୍ଷ ଡ. ବାରିକ ଛାତ୍ରୀଛାତ୍ରଙ୍କୁ ଜୀବନରେ ଶୃଙ୍ଖଳା ରକ୍ଷା କରିବା ସହ ସୁନାଗରିକ ହୋଇ ସମାଜ ସେବାରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। ବି. ଗୁପ୍ତେଶ୍ୱର ରାଓ ଅତିଥି ପରିଚୟ ଦେଇଥିଲେ। ଅଧାପିକା ଦୀପ୍ତି ରେଖା ମିଶ୍ର, ଭକତ ଗଣ୍ଡ ଓ ସ୍ନିଗ୍ଧା ସର୍ଦ୍ଦାର ଉପସ୍ଥିତ ଥିଲେ। ବିଦାୟୀ ଛାତ୍ରୀଛାତ୍ରୀ ସୁପ୍ରିୟା ପାଣିଗ୍ରାହୀ, ସେଖ ମହିଉଦ୍ଦିନ ଓ ଅମର ଶତପଥି ଅନୁଭୂତି ବଖାଣିଥିଲେ। ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ବିଦାୟୀମାନଙ୍କୁ ପୁଷ୍ପଗୁଚ୍ଛ, କଲମ ଓ ଉପହାର ପ୍ରଦାନ କରି ବିଦାୟ ଜଣାଇଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ରଙ୍କ ଉପସ୍ଥିତ ଥିଲେ।

# ନବରଙ୍ଗପୁର ଓକିଲ ସଂଘ ନିର୍ବାଚନ, ନାମାଙ୍କନ ପ୍ରକ୍ରିୟା ଶେଷ

**ନବରଙ୍ଗପୁର,୩।୫(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ଆଇନଜୀବୀ ସଂଘ ନିର୍ବାଚନ ପାଇଁ ରବିବାର ନାମାଙ୍କନ ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ରବିବାର ସକାଳ ୭ଟା ୩୦ରୁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇଥିବା ବେଳେ ମଧ୍ୟାହ୍ନ ୧ଟା ସୁଦ୍ଧା ୬ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ଦ୍ୱିତୀୟ ଦିବସରେ ସମ୍ପାଦକ ପଦବୀ ପାଇଁ ତପନ କୁମାର ସିଂ, ଯୁଗ୍ମ ସମ୍ପାଦକ ପଦବୀରେ ସ୍ୱାଗତିକା ସାମନ୍ତରାୟ, କୋଷାଧ୍ୟକ୍ଷ ପଦବୀ ପାଇଁ ଶେଖ୍ ବାବା ଆଲିଶା ପ୍ରମୁଖ ନିଜ ନିଜ ସମର୍ଥକଙ୍କ ଗହଣରେ ଯାଇ ନାମାଙ୍କନ ଦାଖଲ କରିଥିଲେ। ୨ ଦିନରେ ମୋଟ ୯ଟି ପଦବୀ ପାଇଁ ୧୧ଜଣ ନାମାଙ୍କନ ଦାଖଲ କରିଥିବା ଜଣାପଡ଼ିଛି।

ଚଳିତ ବର୍ଷ ରାଜ୍ୟ ବାର କାଉନସିଲଙ୍କ ନିର୍ଦ୍ଦେଶକ୍ରମେ ମହିଳା ସଦସ୍ୟାଙ୍କ ପାଇଁ ଶତକଡା ୩୦ ପ୍ରତିଶତ ପଦବୀ ସଂରକ୍ଷିତ ରଖାଯାଇଥିଲା। ଏହି କ୍ରମରେ ୯ଟି ପଦବୀ ମଧ୍ୟରୁ ଉପ ସଭାପତି, ଯୁଗ୍ମ ସମ୍ପାଦକ ଓ ଗୋଟିଏ କାର୍ଯ୍ୟ ନିର୍ବାହୀ ସଦସ୍ୟା ପଦବୀ ମହିଳା ସଦସ୍ୟାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ନାମାଙ୍କନପତ୍ର ଶେଷ ଦିବସ ସୁଦ୍ଧା ସଭାପତି ପଦବୀ ପାଇଁ ସିରାଜୁଦ୍ଦିନ ଅହମ୍ମଦ ଓ ସନ୍ତୋଷ କୁମାର ମିଶ୍ର, ଉପସଭାପତି ପଦବୀରେ ସ୍ନେହଲତା ଦେବୀ, ସମ୍ପାଦକ ପଦବୀରେ ତପନ କୁମାର ସିଂ ଓ କିଶୋରୀ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପଦବୀରେ ସ୍ୱାଗତିକା ସାମନ୍ତରାୟ, କୋଷାଧ୍ୟକ୍ଷ ପଦବୀରେ ଶେଖ୍ ବାବା ଅଲିଶା, କାର୍ଯ୍ୟକାରୀ ସଦସ୍ୟ ପଦବୀରେ କାର୍ଯ୍ୟ ନିର୍ବାହୀ ସଦସ୍ୟ ରୂପେ ଶ୍ରୀନିବାସ ପାତ୍ର, ପ୍ରଶାନ୍ତ ପଟ୍ଟନାୟକ, ଗୋପାଳ ଶତପଥୀ ଓ ବାଲାଜୀ ପ୍ରସାଦ ମିଶ୍ର ନାମାଙ୍କନପତ୍ର ଦାଖଲ କରିଥିଲେ। ସଂରକ୍ଷିତ ନିର୍ବାହୀ ସଦସ୍ୟା ବ୍ୟତୀତ ଅନ୍ୟ ସମସ୍ତ ପଦବୀରେ ନାମାଙ୍କନ ଦାଖଲ କରାଯାଇଛି। ଆଗାମୀ ୫ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ, ୮ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଦିନ ରହିଛି। ଏହି ନିର୍ବାଚନକୁ ନିର୍ବାଚନ ଅଧିକାରୀ ଆଇନଜୀବୀ ସରୋଜ କୁମାର ବେହେରା, କିଶୋର କୁମାର ପଟ୍ଟନାୟକ ଓ ପ୍ରଦୀପ କୁମାର ସାହୁ ପରିଚାଳନା କରିଥିଲେ।



ଆଇନଜୀବୀ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି ।

# ଜିଲା ଓକିଲ ସଂଘ ନିର୍ବାଚନକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ

**ନବରଙ୍ଗପୁର,୩।୫(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ଆଇନଜୀବୀ ସଂଘ ନିର୍ବାଚନ ପରିଚାଳନାକୁ ନେଇ ରବିବାର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ନାମାଙ୍କନ ପତ୍ର ଦାଖଲ କରିବା ଓ କିଛି ଦସ୍ତାବିଜ ମାଗିବାକୁ ନେଇ କୋର୍ଟ ପରିସରରେ ଉଭୟ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଛି। ଜଣେ ଓକିଲ ସଂଘର ନିର୍ବାଚନ ପରିଚାଳନା ପାଇଁ ନିଯୁକ୍ତ ହୋଇଥିବା 'ନିର୍ବାଚନ ଅଧିକାରୀ'ଙ୍କ ନିଯୁକ୍ତିକୁ ବେଆଇନ କହି ଦସ୍ତାବିଜ ମାଗିବାରୁ କୋର୍ଟ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ନବରଙ୍ଗପୁର ପୋଲିସ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରି ସମାଧାନ ପାଇଁ ଚେଷ୍ଟା କରିଥିଲା।

ସୂଚନା ଅନୁଯାୟୀ, ନବରଙ୍ଗପୁରର ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ମୃତ୍ୟୁଞ୍ଜୟ ମହାରଣା ସଭାପତି ପଦ ପାଇଁ ନାମାଙ୍କନପତ୍ର ଦାଖଲ କରିବାକୁ ଯିବା ବେଳେ ଜିଲା ଆଇନଜୀବୀ ସଂଘର ଭୋଟର ତାଲିକାରେ ତାଙ୍କ ନାମ ନ ଥିବା ସହ ତାଙ୍କୁ ନିଲମ୍ବିତ କରାଯାଇଥିବା କୁହାଯାଇ ସୁଯୋଗ ଦିଆଯାଇ ନ ଥିଲା । ଯାହାକୁ ନେଇ ସେ 'ନିର୍ବାଚନ ଅଧିକାରୀ'ଙ୍କ ନିଯୁକ୍ତିକୁ ନେଇ ପ୍ରଶ୍ନ ଉଠାଇଥିଲେ । ରାଜ୍ୟ ବାର୍ କାଉନସିଲ ପକ୍ଷରୁ ଜାରି ହୋଇଥିବା ଭୋଟର ତାଲିକାରେ ତାଙ୍କ ନାଁ ଉଲ୍ଲେଖ ରହିଥିବା ବେଳେ ଜିଲା ଆଇନଜୀବୀ ସଂଘରେ ତାଙ୍କ ନାମକୁ କିଏ ଓ କେଉଁ ଆଧାରରେ କାଟିଲା ବୋଲି ପ୍ରଶ୍ନ କରିଥିଲେ। ଯାହାକୁ ନେଇ ବର୍ତ୍ତମାନର ସଂଘ ସଭାପତି ସିରାଜୁଦ୍ଦିନ ଅହମ୍ମଦ ଏବଂ ମୃତ୍ୟୁଞ୍ଜୟ ମହାରଣାଙ୍କ ମଧ୍ୟରେ ଯୁକ୍ତିତର୍କ ଓ ଠେଲାପେଲା ହେବା ଦେଖିବାକୁ ମିଳିଥିଲା।

ଅନ୍ୟପଟେ ରାଜ୍ୟ ବାର କାଉନସିଲଙ୍କ ନିର୍ଦ୍ଦେଶକ୍ରମେ ଜିଲା ଆଇନଜୀବୀଙ୍କ ଏକ ସାଧାରଣ ବୈଠକ କରାଯାଇ ସର୍ବସମ୍ମତି କ୍ରମେ ଆଇନଜୀବୀ ସରୋଜ କୁମାର ବେହେରାଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦେବାକୁ ସୁପାରିସ କରାଯାଇଥିଲା । ସେହି କ୍ରମରେ ରାଜ୍ୟ ବାର କାଉନସିଲଙ୍କ ନିର୍ଦ୍ଦେଶ ପ୍ରକାରେ ଗତ ୧ ତାରିଖରେ ସରୋଜ ବେହେରାଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦିଆଯିବା ସହିତ ସହାୟକ ନିର୍ବାଚନ ଅଧିକାରୀ ଭାବେ କିଶୋର ପଟ୍ଟନାୟକ ଓ ପ୍ରଦୀପ ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିଲା । ସେହି ଆଧାରରେ ରବିବାର ନିର୍ବାଚନ ନାମାଙ୍କନ କରାଯାଉଛି ବୋଲି ସେ କହିଛନ୍ତି। ଆଇନଜୀବୀ ମୃତ୍ୟୁଞ୍ଜୟ ମହାରଣା ଆଣିଥିବା ଅଭିଯୋଗ ଭିତ୍ତିହୀନ ବୋଲି ଜିଲା ସମ୍ପାଦକ ତପନ ସିଂ, ନିର୍ବାଚନ ଅଧିକାରୀ ସରୋଜ କୁମାର ବେହେରା କହିଛନ୍ତି ।



ପୋଲିସ ଉଭୟ ପକ୍ଷଙ୍କୁ ବୁଝାଶୁଝା କରୁଛି।

# ୨୦୦୩ ବ୍ୟାଚ୍‌ର ବନ୍ଧୁମିଳନ

ସୁନାବେଡା/ସେମିଳିଗୁଡ଼ା,୩।୫
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ସରକାରୀ ହାଇସ୍କୁଲ ୨୦୦୩ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ନନ୍ଦପୁରସ୍ଥିତ ପର୍ଯ୍ୟଟନସ୍ଥଳ ରାଣୀ ଡୁଡୁମାରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳର ଛାତ୍ରୀଛାତ୍ର ସାମିଲ ହୋଇ ପିଲାଦିନ ସ୍ମୃତିକୁ ସାଉଁଟିଥିଲେ। ଶିକ୍ଷକ କେ.ଭି କାମେଶର ରାଓ, ଶିକ୍ଷୟିତ୍ରୀ ମମତା ରାଉତ ଓ ସୁଷମା ଦେବୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଶୋକ ପ୍ରଧାନ, ରାଜଶ୍ରୀ ବିଶ୍ୱାଳ, ହିମାଂଶୁ ଖରା, ପ୍ରଶାନ୍ତ ପତି, ନିବେଦିତା ପାତ୍ର ଓ ଅନ୍ୟ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

# ଖବରଦାତାଙ୍କ ଦାବି ପୂରଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

## ଜାତୀୟ ମାନବ ଅଧିକାର ଆୟୋଗରେ ଅଭିଯୋଗ

କୋରାପୁଟ/ନନ୍ଦପୁର,୩।୫
(ଅମିତାଭ ବେହେରା/ତୁଷାର କାନ୍ତ ମହାନ୍ତି)

ଗଣମାଧ୍ୟମ ପ୍ରତିନିଧିମାନଙ୍କ ଦାବିରେ ଯଥାର୍ଥତା ଥିବା ଓ ଏହାକୁ ଶୀଘ୍ର ପୂରଣ କରିବାକୁ କୋରାପୁଟ ଜିଲା ଜୟପୁର ଅଞ୍ଚଳର ଆଇନଜୀବୀ ତଥା ମାନବ ଅଧିକାର କର୍ମୀ ଅନୁପ ପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି। ଖବରଦାତାମାନେ ସମସ୍ତ ପ୍ରତିକୂଳ ପରିସ୍ଥିତିର ସାମନା କରି ଲୋକଙ୍କ ସମସ୍ୟାଗୁଡ଼ିକୁ ଉପସ୍ଥାପନ କରିବା ସହ ପ୍ରଶାସନିକ ତ୍ରୁଟିଗୁଡ଼ିକୁ ଲୋକଲୋଚନକୁ ଆଣି ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରୁଛନ୍ତି। ଏହାର ପ୍ରତିବଦଳରେ ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କ ସୁରକ୍ଷା, ପେନସନ ଓ ଆକ୍ରିଡେଶନ ପ୍ରଦାନ


Discrimination regarding the violation of Human Rights and Statutory Rights of Journalists in the State of Odisha

OFFICE OF ADV. ANUP KUMAR PATRO,Human Rights Defender & RTI Activist,Sriram Nagar, Parabeda, Jeypore-764001, Dist-Koraput, Odisha Contact: 9437165095, 7008141073 Email:anuppatro5522@gmail.com

Date: 03/05/2026

To,

The Hon'ble Chief Minister, Government of Odisha, Bhubaneswar.

Sub: Discrimination regarding the violation of Human Rights and Statutory Rights of Journalists in the State of Odisha .

Honourable Sir,

I, Adv Anup Kumar Patro, resident of Sriram Nagar, Parabeda, Jeypore, Dist. Koraput, a citizen of India, state that, apart from fundamental duties, I have been working as a Rights Activist. Being an Advocate, Human Rights Defender, and RTI Activist, I engage myself in social reforms for the promotion, protection, and respect of national integration and culture along with serving the nation I also solemnly pledged to protect & promote human rights of all, without any discrimination. and have also pledged not to violate the Human Rights of others, directly or indirectly, through self actions, words, or deeds. Again I have committed to upholding the highest standards of honesty & integrity & to following probity & rule of law in all walks of life with the Central Vigilance Commission.

At present important the media's role-

1. In national development (e.g., "Viksit Bharat @2047").

2. Emphasizes the responsibility of journalists to combat fake news and misinformation.

3. Advocates for strategic communication and media outreach for public initiatives like the Census.

Being an Advocate and Human Rights Defender, I bring to your urgent attention the brewing unrest among the fourth pillar of democracy in our state due to the continued failure to provide basic social security to journalists.

ମୁଖ୍ୟମନ୍ତ୍ରୀଙ୍କୁ କରାଯାଇଥିବା ଚିଠି ।

କରିବାକୁ ସରକାରଙ୍କ ନିକଟରେ ଦାବି କରୁଛନ୍ତି। ଏହାର ଯଥାର୍ଥତା ରହିଛି। ଦେଶର ଅଧିକାଂଶ ରାଜ୍ୟ ଖବରଦାତାଙ୍କ ସୁରକ୍ଷା ପେନ୍‌ସନ ଓ ଆକ୍ରିଡେଶନ ପ୍ରଦାନ କରିଛନ୍ତି। ଏଥିପାଇଁ ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କ ଦାବି ଶୀଘ୍ର ପୂରଣ କରିବାକୁ ସେ ଏଥିରେ ଉଲ୍ଲେଖ କରିଛନ୍ତି। ଏଥିସହ ଜାତୀୟ ମାନବ ଅଧିକାର ଆୟୋଗରେ ଅଭିଯୋଗ କରିଛନ୍ତି। ଆଇନଜୀବୀଙ୍କ ଅଭିଯୋଗକୁ ଆୟୋଗ ଡାଏରୀ ନଂ ୯୭୭୭/ଆଇଏନ/୨୦୨୬ ଭାବେ ପଞ୍ଜୀକୃତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ପତ୍ରର ନକଲ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ରୀୟ ଗୃହମନ୍ତ୍ରୀ, କେନ୍ଦ୍ର ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ, ରାଜ୍ୟପାଳ, ରାଜ୍ୟ ମୁଖ୍ୟ ଶାସନ ସଚିବ, ସଚିବ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ପ୍ରେରଣ କରିଛନ୍ତି। ସୂଚନାନୁଯାୟୀ, ମେ ୧ରେ ଓଡ଼ିଶା ୟୁନିଅନ ଅଫ ଜର୍ଣାଲିଷ୍ଟ(ଓୟୁଜେ)ର ଆହ୍ୱାନ କ୍ରମେ କୋରାପୁଟ ଜିଲା ସମେତ ରାଜ୍ୟର ୩୦ ଜିଲାରେ ପ୍ରତିବାଦ ସଭା କରାଯାଇ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଆଜିଠୁ ଅଗ୍ନିଗଙ୍ଗାମା'ଙ୍କ ଘଟଯାତ୍ରା ଆରମ୍ଭ

ସୁନାବେଡା/ସେମିଳିଗୁଡ଼ା, ୩।୫
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)



କୋରାପୁଟ ଜିଲା ସେମିଳିଗୁଡ଼ାରେ ଅଗ୍ନି ଗଙ୍ଗାମା'ଙ୍କ ନବଦିନାତ୍ମକ ଘଟଯାତ୍ରା ସୋମବାରଠାରୁ ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ମା'ଙ୍କ ପୀଠ ସଜେଇ ହୋଇଛି। ଚଳିତମାସ ୪ରୁ ଆରମ୍ଭ ହେବାକୁ ଥିବା ଏହି ଯାତ୍ରା ୧୩ ତାରିଖ ଯାଏ ଚାଲିବ। ଏଥିପାଇଁ ଆଲୋକମାଳାରେ ସମଗ୍ର ଅଞ୍ଚଳକୁ ସଜା ଯାଇଛି। ମା'ଙ୍କ ଅସ୍ଥାୟୀ ମଣ୍ଡପ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ରୀତିନୀତି ଅନୁସାରେ ମା'ଙ୍କ ଘଟକୁ ରବିବାର ମନ୍ଦିରର ମୁଖ୍ୟ ପୂଜକ ମନ୍ଦିରରୁ ଆଣି ମା' ଘର ଅର୍ଥାତ ଗାଁରେ ଥିବା ଦୁର୍ଗା ମନ୍ଦିରରେ ଗୋଟିଏ ଦିନ ରହଣୀର ପ୍ରଥା ରହିଛି। ସୋମବାର ମା'ଙ୍କ ଘଟକୁ ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା କରାଯିବ। ମଙ୍ଗଳବାର ସନ୍ଧ୍ୟାରେ ସହର ପରିକ୍ରମା ପରେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଅସ୍ଥାୟୀ ମଣ୍ଡପରେ ଆବାହନ କରାଯାଇ ୯ ଦିନ ଧରି ପୂଜାର୍ଚ୍ଚନା କରାଯିବ। ଯାତ୍ରାରେ ଦୈନିକ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼କୁ ନଜରରେ ରଖି ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁମାନେ ମା'ଙ୍କୁ ଦର୍ଶନ କରିପାରିବା ନେଇ ସମସ୍ତ ପ୍ରକାରର ବନ୍ଦୋବସ୍ତ କରାଯାଇଛି। ଦୈନିକ ସନ୍ଧ୍ୟାରେ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରତିଷ୍ଠିତ କଳାକାରମାନଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର କରାଯିବ ବୋଲି ପୂଜା କମିଟି ସଦସ୍ୟ ଏଲ୍. ପ୍ରଦୀପ ପାତ୍ର ସୂଚନା ଦେଇଛନ୍ତି।

# ଦାମନଯୋଡ଼ିରେ ଜିତେନ୍ଦ୍ର କୁଲଦୀପ ମାଟ୍ରିକ ଟପ୍ପର

ଦାମନଯୋଡ଼ି,୩।୫(ନରସିଂହ ବ୍ରହ୍ମା)

ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡର ଦଶମ ଶ୍ରେଣୀ ପରୀକ୍ଷାରେ ଦାମନଯୋଡ଼ିର ୫ ସ୍କୁଲର ପରୀକ୍ଷା ଦେଇଥିବା ୪୧୯ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୧୮ଜଣ


ଜିତେନ୍ଦ୍ର କୁଲଦୀପ।

ଉତ୍ତୀର୍ଣ୍ଣ ହୋଇଛନ୍ତି। ମାଥାଲପୁଟସ୍ଥିତ ପିଏମଶ୍ରୀ ମାଲୁ ସାଉନ୍ତା ସରକାରୀ ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫୨୫ନମ୍ବର ରଖି ଏ୨ ଗ୍ରେଡରେ ଜିତେନ୍ଦ୍ର କୁଲଦୀପ ଦାମନଯୋଡ଼ି ଟପ୍ପର ହୋଇଛନ୍ତି। ଏହି ବିଦ୍ୟାଳୟର ୧୪୧ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ୨ଜଣ ଏ୨ ଗ୍ରେଡ ପାଇଛନ୍ତି। ନାଲକୋ ଟାଉନଶିପ ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ର ସୁଶାନ୍ତ କୁମାର ପଟ୍ଟନାୟକ ୫୧୧ନମ୍ବର ରଖି ଏ୨ ଗ୍ରେଡରେ ସ୍କୁଲ ଟପ୍ପର ହୋଇଛନ୍ତି। ସରସ୍ୱତୀ ବିଦ୍ୟାମନ୍ଦିରର ୧୩୮ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୬ଜଣ ଏ୨ ଗ୍ରେଡ ରହିଛନ୍ତି। ମାଥାଲପୁଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୨ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ଶ୍ରେୟା ବିଶ୍ୱାଳ ୫୧୪ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ବିଦ୍ୟାମନ୍ଦିରର ୩ ଛାତ୍ରୀଛାତ୍ର ଏ୨ ଗ୍ରେଡରେ ରହିଛନ୍ତି। ମାଥାଲପୁଟସ୍ଥିତ ଆଲୁମିନା ବାଳିକା ଉଚ୍ଚ ବିଦ୍ୟାଳୟ,ଲିଟିଗୁଡ଼ାର ୮୦ଛାତ୍ରୀ ପାଶ କରିଛନ୍ତି। ଛାତ୍ରୀ ରୀନା ମୁଦୁଲି ୪୪୭ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଭେଜାପୁଟସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମସ୍ତ ୩୭ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ରୋହିତ ଖିଲ ୮୩.୫ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି।

# ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିୟନର ବାର୍ଷିକ ସମ୍ମିଳନୀ


ବୈଠକରେ ଉପସ୍ଥିତ ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିୟନର ସଦସ୍ୟାମାନେ।

ଜୟପୁର,୩।୫(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଶ୍ରମିକ କର୍ମଚାରୀ ଭବନଠାରେ ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିୟନ ଆନୁକୁଲ୍ୟରେ ୨୩ତମ ବାର୍ଷିକ ସମ୍ମିଳନୀ ସହ କାର୍ଯ୍ୟକର୍ତ୍ତା ଚୟନ କରାଯାଇଛି। ଏଥିରେ ଏସ୍‌ସିଏମ୍ ରାଜ୍ୟ କମିଟି ସଦସ୍ୟ ଲକ୍ଷ୍ମଣ କୁମାର ମିଶ୍ରଙ୍କ ସହଯୋଗ ଓ ଆନୁକୁଲ୍ୟରେ ବୈଠକ ହୋଇଛି। ଜୟପୁର ଶାଖା ସଭାପତି ସରୋଜ କୁମାର ପଟ୍ଟନାୟକ, ସମ୍ପାଦକ ରଞ୍ଜନ କୁମାର ମିଶ୍ର ସଭା ପରିଚାଳନା କରିଥିଲେ। ସମ୍ମିଳନୀରେ ନିତ୍ୟ ବ୍ୟବହାର୍ଯ୍ୟ, ଜୀବନ ରକ୍ଷା ଔଷଧର ଦରଦାମ କମାଇବା, ନିୟନ୍ତ୍ରଣ ରଖିବା ମାସିକ ପେନସନ ଅତିକମ୍‌ରେ ମାସିକ ୨୬ ହଜାର ଧାର୍ଯ୍ୟ କରିବା, କାର୍ଯ୍ୟ ନିର୍ଘଣ୍ଟ ସମୟସୀମା ଧାର୍ଯ୍ୟ କରିବା ସେଲ୍ସ ପ୍ରମୋଶନ ଏମ୍ପୋୟସ ଆକ୍ଟ ୧୯୯୬କୁ ସରକାର ଉଚ୍ଛେଦ ନ କରିବା ଆଦି ଦାବି ଉପରେ ଆଲୋଚନା ହୋଇଥିଲା। ବୈଠକରେ ସିଟି କୋଡିନେଶନ କମିଟିର ସାଧାରଣ ସମ୍ପାଦକ ପ୍ରମୋଦ କୁମାର ମହାନ୍ତି ସଙ୍ଗଠନ ସମ୍ପାଦକ ଯୁଧିଷ୍ଠିର ରାଉଳ ଯୋଗଦେଇଥିଲେ। ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ପ୍ରିନ୍ସ ଖିଲାଡି, ସହସଭାପତି ସରୋଜ କୁମାର ପଟ୍ଟନାୟକ, ସମ୍ପାଦକ ଯୋଗେନ୍ ଚୌଧୁରି, ସହ ସମ୍ପାଦକ ପବନ କୁମାର ସେଠୀ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ଦଳେଇଙ୍କୁ ଚୟନ କରାଯାଇଛି। ରାଜ୍ୟ ସଭ୍ୟ ଲକ୍ଷ୍ମଣ କୁମାର ମିଶ୍ର ଶପଥ ପାଠ କରାଇଥିଲେ। ଜିଲା କମିଟି ସଦସ୍ୟ ଭାବେ ମୋହନ ପାତ୍ର, ରଞ୍ଜନ ମିଶ୍ର, ସୁମନ ସାହୁ, ଅହମଦ୍ ରାଜା ଓ ଅନ୍ୟମାନେ ମନୋନୀତ ହୋଇଥିଲେ।

# ଜିଲା ମଙ୍ଗଳ ବିଭାଗର ୨୨ ବିଦ୍ୟାଳୟର ଶତପ୍ରତିଶତ ପାସ୍

କୋରାପୁଟ,୩।୫(ଅମିତାଭ ବେହେରା)

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ କୋରାପୁଟ ଜିଲା ମଙ୍ଗଳ ବିଭାଗ ଶତପ୍ରତିଶତ ସଫଳତା ହାସଲ କରିଛି। ମୋଟ ପାସ ହାର ୯୯ ପ୍ରତିଶତ ରହିଛି। ୩୭ରୁ ୨୨ବିଦ୍ୟାଳୟରେ ଶତପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇ ରେକର୍ଡ ସୃଷ୍ଟି କରିଛନ୍ତି। ଜିଲା ମଙ୍ଗଳ ବିଭାଗର ୩୭ ବିଦ୍ୟାଳୟରୁ ମୋଟ ୨,୯୪୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୨,୯୦୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଫଳାଫଳ ଅନୁଯାୟୀ, ଏ୨ରେ ୧୬ ଜଣ, ବି୧ରେ ୯୮ ଜଣ, ବି୨ରେ ୫୨୭ ଜଣ, ସିରେ ୯୩୮ ଜଣ, ଡିରେ ୯୬୧ ଜଣ ଓ ଇରେ ୩୬୩ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ପୋଡାଗାଡ଼ କନ୍ୟାଶ୍ରାମରେ ୬୬ ଛାତ୍ରୀ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ବି୧ରେ ୧, ବି ୨ରେ ୬ଜଣ, ସି ରେ ୨୫ ଜଣ, ଡି ରେ ୨୮ଜଣ ଓ ଇରେ ୬ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିସହ ଜିଲାର ୨୨ ବିଦ୍ୟାଳୟ ଶତପ୍ରତିଶତ ପାସ ହାର ହାସଲ କରିଥିବା ଜିଲା ମଙ୍ଗଳ ଅଧିକାରୀ ସୁନିଲ କୁମାର ତାଣ୍ଡି ସୂଚନା ଦେଇଛନ୍ତି।

# କାଳବୈଶାଖୀରେ ଉଡ଼ିଲା କୁକୁଡ଼ା ଫାର୍ମ ଛପର



ନନ୍ଦପୁର,୩।୫ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଥିବା ପଞ୍ଚାୟତ ସଦର ମହକୁମାରେ କାଳବୈଶାଖୀ ପ୍ରଭାବରେ ଏକ ୨୦୦୦ ମାଂସାଳ କୁକୁଡ଼ା ପାଳନ ଫାର୍ମର ଆଜବେଷ୍ଟଶ ଛପର ଉଡ଼ି ଭାଙ୍ଗି ରବିବାର ନଷ୍ଟ ହୋଇଛି। ଚାଷୀ ଜଗଦୀଶ ଖରାଙ୍କ ଫାର୍ମରେ ଲାଗିଥିବା ୧୬୦ ଆଜବେଷ୍ଟଶ ନଷ୍ଟ ହୋଇଥିବା ସେ କହିଛନ୍ତି। ଫାର୍ମରୁ ସପ୍ତାହକ ତଳେ ସମସ୍ତ ପାଳିତ କୁକୁଡ଼ା ବିକ୍ରି ହୋଇଯାଇଥିବାରୁ ଅଧିକ କ୍ଷତିରୁ ବର୍ତ୍ତି ଯାଇଛନ୍ତି। ଫାର୍ମର ଛପର ନଷ୍ଟ ହୋଇଥିବାରୁ ଆଗକୁ କୁକୁଡ଼ା ଚିଆଁ ଆଣି ପାଳନ କରିବା କଷ୍ଟକର ବୋଲି ଚାଷୀ ଚିନ୍ତା ପ୍ରକାଶ କରିଛନ୍ତି। ବ୍ଲକ, ଜିଲା ଓ ରାଜ୍ୟ ପ୍ରଶାସନ କୁକୁଡ଼ା ଫାର୍ମର ଦୃଷ୍ଟି ଦେଇ ପୁନଃନିର୍ମାଣ ପାଇଁ ସହାୟତା ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି।

# ପ୍ରେସ୍ କ୍ଲବର ବନ୍ଧୁମିଳନ, ଆଲୋଚନାଚକ୍ର


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଖବରଦାତାମାନେ।

ଲକ୍ଷ୍ମୀପୁର,୩।୫(ଅନନ୍ତ ପ୍ରସାଦ ନାୟକ)

କୋରାପୁଟ ଜିଲା ଲକ୍ଷ୍ମୀପୁର ନିକଟ ନିଶାର ଫାର୍ମରେ ଖବରଦାତାଙ୍କ ବନ୍ଧୁମିଳନ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହା ଏଥିରେ ଖବରଦାତାଙ୍କ ପେନସନ, ଏକ୍ରିଡିସନ, ପ୍ରୋଟେକ୍ସନ ନେଇ ଆଲୋଚନା ହୋଇଛି। କାର୍ଯ୍ୟକ୍ରମରେ ୧୧ ଖବରଦାତା ଉପସ୍ଥିତ ଥିଲେ। ଲକ୍ଷ୍ମୀପୁରରେ ଏକ ପ୍ରେସ କ୍ଲବ ନିର୍ମାଣ ପାଇଁ ସର୍ବସହମତି କ୍ରମେ ପ୍ରସ୍ତାବ ରହି ଗୃହୀତ ହୋଇଥିଲା। ଏହା ପରେ ବ୍ଲକ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ସମସ୍ତଙ୍କ ସହମ୍ମତି ଅନୁଯାୟୀ ଯୁଧିଷ୍ଠିର ବାଘଙ୍କୁ ପ୍ରେସ କ୍ଲବ ସଭାପତି, ସମ୍ପାଦକ ପ୍ରଫୁଲ୍ଲ ଖୋସ୍ଲା, କୋଷାଧ୍ୟକ୍ଷ ନୃସିଂହନାଥ ପଟ୍ଟନାୟକ, ସଂଯୋଜକ ପାତ୍ର ପିଲେଣ୍ଟି, ସହ ସମ୍ପାଦକ ରଞ୍ଜିତ ମହାନନ୍ଦିଆଙ୍କୁ ମନୋନୀତ କରାଯାଇଛି। ପ୍ରମୋଦ କୁମାର ଜେନା ଓ ଅନନ୍ତ ପ୍ରସାଦ ନାୟକଙ୍କୁ ଉପଦେଷ୍ଟା ଚୟନ କରାଯାଇଛି। କାର୍ଯ୍ୟକ୍ରମରେ ବଂଶୀଧର ହଲୱା, ବାବୁଲା ଦାଶ, ଯାଦବ ବାଘ ଓ ମନୋଜ ବିଶୋଇ ଉପସ୍ଥିତ ଥିଲେ।

# କବି, କ୍ରୀଡ଼ା ଶିକ୍ଷକଙ୍କୁ ଅନାମଧେୟ ନାୟକ ସମ୍ମାନ

ନନ୍ଦପୁର,୩।୫ (ତୁଷାର କାନ୍ତ ମହାନ୍ତି)


କବି ବିଚିତ୍ରାନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଆଧାତ୍ମିକ ଗୁରୁ ରବି ଶଙ୍କରଙ୍କ ୭୦ତମ ଜନ୍ମ ଜୟନ୍ତୀ ଅବସରରେ ଭୁବନେଶ୍ୱର ଆର୍ଟ ଅଫ ଲିଭିଙ୍ଗ ପକ୍ଷରୁ ବୁଦ୍ଧ ମନ୍ଦିର ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ କୋରାପୁଟ ଜିଲା ନନ୍ଦପୁର ବ୍ଲକର କବି ବିଚିତ୍ରାନନ୍ଦ ପଣ୍ଡା ଓ କୋରାପୁଟ ଦୃଷ୍ଟିବାଧିତ ସ୍କୁଲର କ୍ରୀଡ଼ା ଶିକ୍ଷକ ଚନ୍ଦ୍ରଶେଖର ପଟ୍ଟନାୟକଙ୍କୁ ଅନାମଧେୟ ନାୟକ ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିରେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାମୀ ସତ୍ୟଶ୍ରୀ ଚୈତନ୍ୟ ଜୀ, ଶ୍ରୀଶ୍ରୀ ୟୁନିଭରସିଟି ପରିଚାଳନା ନିର୍ଦ୍ଦେଶକ ଡ. କୈଳାଶ ଚନ୍ଦ୍ର ମିଶ୍ର, ଖୋର୍ଦ୍ଧା ଜିଲାପାଳ ସତ୍ୟରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମାଜସେବା, ଭାଷା ଓ ସାହିତ୍ୟର ସୁରକ୍ଷା, ନିଶାନିବାରଣ ଏବଂ କ୍ଷୁଦ୍ର ଉଦ୍ୟୋଗୀ ଭାବେ କବି ପଣ୍ଡାଙ୍କୁ ଏହି ସମ୍ମାନ ଦିଆଯାଇଛି। ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର କ୍ରିକେଟ ଖେଳାଳି ସୃଷ୍ଟି କରିବାରେ କ୍ରୀଡ଼ା ଶିକ୍ଷକ ପଟ୍ଟନାୟକଙ୍କ କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରାଯାଇଛି। ୨ଜଣଙ୍କୁ ଅତିଥିମାନେ ଅଙ୍ଗବସ୍ତ୍ର ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ।

# ବୃଦ୍ଧଙ୍କୁ ହତ୍ୟା ମାମଲାରେ ଅଭିଯୁକ୍ତ ଗିରଫ

ଜୟପୁର,୩।୫(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦର ଥାନା ଅଧୀନ ଫାମ୍ପୁଣି ନିକଟ କୁମୁଲିପୁଟ ଗ୍ରାମରେ ବୃଦ୍ଧଙ୍କୁ ହତ୍ୟା ମାମଲାରେ ଜଣେ ଅଭିଯୁକ୍ତଙ୍କୁ ସଦର ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ କୁମୁଲିପୁଟ ଗ୍ରାମର ଚୁନା ପରଜା(୨୫)। ଏ ନେଇ ଜୟପୁର ସଦର ଥାନାରେ ଏକ ଖବରଦାତା ସମ୍ମିଳନୀ କରି ଏସ୍‌ଡିପିଓ ଅର୍ଚ୍ଚିତା ମିତ୍ତଲ ସୂଚନା ଦେଇଛନ୍ତି।

ରଘୁନାଥ ୨୭ ତାରିଖରେ ଗ୍ରାମରେ ଥିବା ଚା ଦୋକାନକୁ ଯାଇ ଆଉ ଫେରି ନ ଥିଲେ। ଏହା ପରେ ତାଙ୍କ ଉପରେ ସାଇକେଲ ପଡ଼ିଥିବା ବେକରେ କଟା ଦାଗ ଥିବା ପରିବାର ଲୋକେ ଦେଖିଥିଲେ। ହତ୍ୟା କରାଯାଇଥିବା ନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ଜୟପୁର ସଦର ପୋଲିସ ନଂ୧୪୩/୨୬ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସାଇଣ୍ଟିଫିକ ଟିମ୍ ତଦନ୍ତ ଆରମ୍ଭ କରିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଚୁନା ବୃଦ୍ଧଙ୍କୁ ପଥର ଓ ଛୁରିରେ ଆକ୍ରମଣ କରି ନାଳରେ ପକାଇଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି କରିଥିବା କହିଥିଲେ। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଖବରଦାତା ସମ୍ମିଳନୀ କରି ଥାନାଧିକାରୀ ରାମସାଦ କେବି, ଇନସପେକ୍ଟର ସଚ୍ଚିନ୍ଦ୍ର ପ୍ରଧାନ ଓ ତଦନ୍ତ ଅଧିକାରୀ ଏସ୍‌ଆଇ ପ୍ରମୋଦ ପାଣି ସୂଚନା ଦେଇଛନ୍ତି।

# ସାର ପ୍ରସ୍ତୁତି କେନ୍ଦ୍ରରେ ଅଗ୍ନିକାଣ୍ଡ

ଜୟପୁର, ୩।୫ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସହରର ହାତୀଶାଳ ନିକଟରେ ଥିବା ପୌରପାଳିକାର କ୍ଷୁଦ୍ର ସାର ପ୍ରସ୍ତୁତି କେନ୍ଦ୍ର (ଏମସିସି)ରେ ରବିବାର ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗି ଏମ୍‌ସିସି କେନ୍ଦ୍ର ଭିତରେ ଥିବା ମୂଲ୍ୟବାନ ସାମଗ୍ରୀ ଓ ଯନ୍ତ୍ରପାତି ସମ୍ପୂର୍ଣ୍ଣ ଭାବେ ପୋଡ଼ିଯାଇଛି। ନିଆଁ ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଆୟତ୍ତ କରିଥିଲେ। ତେବେ ନିଆଁ ଲାଗିବାର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ ବୋଲି ଅଗ୍ନିଶମ ଅଧିକାରୀ ସୁରେଶ ବାରିକ କହିଛନ୍ତି।

# ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ପାଳିତ

ଦାମନଯୋଡି,୩।୫(ନରସିଂହ ବ୍ରହ୍ମା)

ସାନ୍ତାଳୀ ଭାଷାର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୧ତମ ଜୟନ୍ତୀ ନାଲକୋ ଏସସି ଓ ଏସଟି ସଂଘ ପକ୍ଷରୁ ରବିବାର ପାଳିତ ହୋଇଯାଇଛି। ଅଲିଚିକି ଭାଷାର ପ୍ରତିଷ୍ଠାତା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ଦ୍ୱୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଇଥିଲା। ନାଲକୋ ମୁଖ୍ୟ ମହାପ୍ରବନ୍ଧକ(ଖଣି) ପୁରୁଷୋତ୍ତମ ମହନ୍ତ, କୋରାପୁଟ ଡିପିଏମୟୁ ଆସିଷ୍ଟାଣ୍ଟ ଡାଇରେକ୍ଟର ଠାକୁର ଦାସ ହାଁସଦା, ସିଜିଏମ ସଞ୍ଜୟ କୁମାର ପଟ୍ଟନାୟକ,ଏମ୍.ଆର୍. ପଣ୍ଡା, ଡି.ବେହେରା ପ୍ରମୁଖ ଯୋଗଦେଇଥିଲେ। ଶ୍ରୀଧର ପରିଡ଼ା ମଞ୍ଚ ସଂଯୋଜନା କରିଥିଲେ। ଅତିଥିମାନେ ସ୍ମୃତିଚାରଣ କରିଥିଲେ। ସଂଘ ସଭାପତି ଗୁରୁ ଟାକ୍ରି, ହିରାଲାଲ କୁଳଦ୍ୱୀପ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ରବିକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତ୍ କର୍ମଚାରୀ ମହାସଂଘର ବିକ୍ଷୋଭ

## ଆନ୍ଦୋଳନ ଜୋରଦାର କରିବାକୁ ଚେତାବନୀ

ଜୟପୁର,୩।୫(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରସ୍ଥିତ ଟାଟା ପାୱାର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବାଲିମେଳା ସେକ୍ସନର ଜଣେ କର୍ମଚାରୀଙ୍କୁ ବଦଳି କରାଯାଇଛି। କମ ଦରମାରେ କାର୍ଯ୍ୟ କରୁଥିବା ବେଳେ ବଦଳି ହେଲେ କର୍ମଚାରୀ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ବଦଳି ବାତିଲ କରିବା ଦାବିରେ ବିକ୍ଷୋଭ କରାଯାଇଛି। ୧୦ରୁ ୧୨ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ସ୍ଥାୟୀ ନ କରି ବଦଳି କରାଯାଇଥିବାରୁ ପ୍ରତିବାଦ କରାଯାଇଛି। ତୁରନ୍ତ ବଦଳି ବାତିଲ କଲେ ଆଗାମୀ ଦିନରେ ଜୟପୁର ଡିଭିଜନ ନାହିଁ ସାର୍କିଲ ନବରଙ୍ଗପୁର, ମାଲକାନଗିରି, ଜୟପୁର, କୋରାପୁଟ ସାରା ଆନ୍ଦୋଳନ ହେବ ବୋଲି ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ଜୟପୁର ଡିଭିଜନ ଅର୍ଗାନାଇଜର ଯୁଗଳ ନାହାକ ସୂଚନା ଦେଇଛନ୍ତି। ବିଭାଗୀୟ ଅଧିକାରୀମାନେ ମନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଟାଟା ପାୱାର ଏଭଳି କାର୍ଯ୍ୟରୁ ନିବୃତ୍ତ ରୁହନ୍ତି ନଚେତ୍ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦିଆଯାଇଛି।

# ସେମିଳିଗୁଡ଼ାରେ ବଢୁଛି ଟ୍ରାଫିକ ସମସ୍ୟା

ସୁନାବେଡା/ସେମିଳିଗୁଡ଼ା,୩।୫
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)


ସେମିଳିଗୁଡ଼ା ୨୬ ନମ୍ବର ଜାତୀୟ ରାଜପଥରେ ଗାଡ଼ିମୋଟର ଅଟକି ରହିଛି।

କୋରାପୁଟ ଜିଲା ସେମିଳିଗୁଡ଼ା ସହର ମଧ୍ୟ ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ରାସ୍ତାର ଗୋଟିଏ ପାର୍ଶ୍ୱ ପଡୋଶୀ ଆନ୍ଧ୍ର ପ୍ରଦେଶକୁ ସଂଯୋଗ କରୁଥିବା ବେଳେ ଅନ୍ୟ ପାର୍ଶ୍ୱ ଛାତିଶଗଡ଼କୁ ସଂଯୋଗ କରୁଛି। ଦୈନିକ ଏହି ରାସ୍ତା ଦେଇ ଶହ ଶହ ଗାଡ଼ିମୋଟର ଯାତାୟାତ କରୁଛି। ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। କିନ୍ତୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସହରରେ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ କୌଣସି ସ୍ଥାୟୀ ସମାଧାନ କରାଯାଉ ନ ଥିବା ଅଭିଯୋଗ ହେଉଛି। ରାସ୍ତାର ଉଭୟ ପାର୍ଶ୍ୱରେ ବଡ଼ ବଡ଼ ହୋଟେଲ ଶପିଂ ମଲ୍ ରହିଛି। ଅନେକ ବାଣିଜ୍ୟିକ ପ୍ରତିଷ୍ଠାନର ପାର୍କିଂ ସୁବିଧା ନ ଥିବାରୁ ସେଠାକୁ ଆସୁଥିବା ଲୋକେ ନିଜ ଗାଡ଼ିମୋଟରକୁ ରାସ୍ତାକଡ଼ରେ ରଖିବାକୁ ବାଧ ହେଉଛନ୍ତି। ଏଥିଯୋଗୁ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହେଉଛି। ଭିଡ଼ ଯୋଗୁ ଜରୁରୀ ସେବା ବାଧାପ୍ରାପ୍ତ ହେବା ସହ ଅନେକ ସମୟରେ ରୋଗୀ ଧରି ଯାଉଥିବା ଆମ୍ବୁଲାନ୍ସ ଟ୍ରାଫିକରେ ଫଶି ରହୁଥିବା ଦେଖିବାକୁ ମିଳୁଛି। ଜିଲା ଓ ପୌର ପ୍ରସାଶନ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

